بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୧୮ ଅକ୍ଟୋବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍**

## ମସଜିଦ୍ ଫଜଲ୍, ଲଣ୍ଡନର ଭିତ୍ତିସ୍ଥାପନର ଶତବାର୍ଷିକୀ ଉପଲକ୍ଷେ ଉକ୍ତ ମସଜିଦ୍‌ର ଐତିହ୍ୟ ସଂକ୍ରାନ୍ତରେ ସଂକ୍ଷିପ୍ତ ଚର୍ଚ୍ଚା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହ୍‌ମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆସନ୍ତା କାଲି ଇଂଲଣ୍ଡ ଜମାଅତ ସ୍ଥିତ ମସଜିଦ୍ ଫଜଲ୍‌ର ସ୍ଥାପନ ହେବାକୁ ଶହେ ବର୍ଷ ପୂରଣ ହେଉଅଛି । ଏହି ଉପଲକ୍ଷେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଯେଉଁଥିରେ ଅଣଅହେମଦି ଅତିଥି ତଥା ପ୍ରତିବେଶୀମାନଙ୍କୁ ନିମନ୍ତ୍ରିତ କରାଯାଇଛି । ମସଜିଦ୍ ଫଜଲ୍‌ର ଏକ ସ୍ୱତନ୍ତ୍ର ଇତିହାସ ରହିଛି,ଏହି ଦିଗରୁ ଯେ ବିଲାତରେ ଏହା ଜମାଅତ ଅହେମଦିୟାର ସର୍ବପ୍ରଥମ ମସଜିଦ୍ ଯାହାକି ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ କେନ୍ଦ୍ର ସ୍ଥଳୀରେ ନିର୍ମାଣ କରାଯାଇ ଥିଲା । ପୁନଶ୍ଚ ଏହି ସ୍ଥଳୁ ଇସଲାମ୍‌ର ବାସ୍ତବିକ ଶିକ୍ଷା ଓ ପ୍ରଚାର କାର୍ଯ୍ୟ ବ୍ୟାପକ ସ୍ତରରେ ଆରମ୍ଭ ହୋଇଥିଲା ।

ଆଜି ଆମ ବିରୋଧୀମାନେ କହୁଛନ୍ତି, ଜମାଅତ ଅହେମଦିୟା ଇଂଗ୍ରେଜମାନଙ୍କ ଦ୍ୱାରା ରୋପିତ ଏକ ତରୁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ସେମାନଙ୍କ ଦ୍ୱାରା ରୋପିତ ଏହି ତରୁ ପାଶ୍ଚତ୍ୟବାସୀଙ୍କ ଦୋଷତ୍ରୁଟି ପ୍ରତି ତାଙ୍କର ଧ୍ୟାନ ଆକର୍ଷିତ କରିବା ସହିତ ତାଙ୍କ ଗହଣରେ ରହି ଇସଲାମ ଧର୍ମର ସୌନ୍ଦର୍ଯ୍ୟତାର ପ୍ରଚାର ପ୍ରସାର କାର୍ଯ୍ୟରେ ଚଳଚଞ୍ଚଳ ରହିଛି ।

ମସଜିଦ୍ ଫଜଲ୍ ନିର୍ମାଣ ହେବା ପୂର୍ବରୁ ଓ୍ୱକଂଙ୍ଗ ଠାରେ ଏକ ମସଜିଦ୍ ନିର୍ମାଣ କରାଯାଇ ଥିଲା ଏବଂ ତାହାର ନିର୍ମାତା ସୁପ୍ରସିଦ୍ଧ ପାଶ୍ଚାତ୍ୟ ଐତିହାସିକ ଶ୍ରୀମାନ G.W. Lightner ଥିଲେ । ଯେ ଲାହୋର ଓରିୟନଟାଲ୍ କଲେଜର କୂଳପତୀ ଥିଲେ ଏବଂ ସେହିଠାରୁ ଅବସର ନେବା ଅନ୍ତେ ସେ ଇଂଲଣ୍ଡ ଫେରି ଯାଇଥିଲେ । ଇଂଲଣ୍ଡରେ ସେ ୧୮୮୯ମସିହାରେ ଉକ୍ତ ମସଜିଦ୍ ନିର୍ମାଣ କରିଥିଲେ । ଏହା ମଧ୍ୟ ଏକ ସଂଯୋଗ ଯେ, ସେହି ବର୍ଷ ହିଁ ହଜରତ ମିର୍ଜା ଗୁଲାମ୍ ଅହେମଦ ସାହେବ ଜମାଅତ ଅହେମଦିୟାର ସ୍ଥାପନ କରିଥିଲେ । ତେବେ ସେହି ବର୍ଷ ହିଁ ତାଙ୍କର ନିଧନ ହୋଇଯାଇ ଥିଲା, ଫଳରେ ଉକ୍ତ ମସଜିଦ୍‌ରେ ତାଲା ପଡ଼ିଗଲା । ତାହାର ରକ୍ଷଣାବେକ୍ଷଣକାରୀ କେହି ନଥିଲେ । ତତ୍ ପଶ୍ଚାତ ପ୍ରଥମ ଖଲିଫାଙ୍କ ସମୟ କାଳରେ ଖ୍ୱାଯାଃ କମାଲୁଦ୍ଦିନ୍ ସାହେବ ଏଠାକୁ ଆସିଥିଲେ ଏବଂ ସେ ତାହାକୁ ପୁନଃ ଖୋଲିବାକୁ ଚେଷ୍ଟା କରିଥିଲେ ଓ ନିଜ ଉଦ୍ୟମରେ ସଫଳ ମଧ୍ୟ ହୋଇଥିଲେ । ସେ ପ୍ରଥମ ଖଲିଫାଙ୍କୁ ପତ୍ର ଲେଖିଥିଲେ ଯେ, ବର୍ତ୍ତମାନ ଏହି ମସଜିଦ୍‌ର ଏକ ଟ୍ରଷ୍ଟ ଗଠନ କରାଯାଇଛି । ଯାହାର ତତ୍ତ୍ୱାବଧାରକ ମୋତେ ନିଯୁକ୍ତ କରାଯାଇଛି । ଏପରି ଏଠାରେ ପୁନଃ ଉପାସନା କାର୍ଯ୍ୟ ଆରମ୍ଭ ହୋଇ ଯାଇଛି । ଯେତେବେଳେ ଉକ୍ତ ମସଜିଦ୍ ଖୋଲାଗଲା ସେତେବେଳେ ଖ୍ୱାଯାଃ ସାହେବଙ୍କ ସହିତ ହଜରତ ଚୌଧରୀ ମୁହମ୍ମଦ ଜଫରୁଲ୍ଲାଃ ଖାନ୍ ସାହେବ ମଧ୍ୟ  ଉପସ୍ଥିତ ଥିଲେ ଏବଂ ସେ ନଓ୍ୱାଫିଲ୍ ପାଠ କରିବା ସହିତ ବହୁତ ଦୁଆ କରିଥିଲେ ।

ତାହାର କିଛି ଅବଧି ପରେ ହଜରତ ମୁସଲେହ ମଉଦ[ର.ଅ] (ଜମାଅତର ସଦସ୍ୟବୃନ୍ଦଙ୍କୁ) ମୁବଲ୍ଲିଗ୍ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ଯଦିଚ ସେତେବେଳେ ଘୋର ଅର୍ଥାଭାବ ରହିଥିଲା ତଥାପି ଚୌଧରୀ ଫତେହ୍

ମୁହମ୍ମଦ ସିୟାଲ୍ ସାହେବ ର.ଅଙ୍କୁ ଏଠାକୁ ପ୍ରେରଣ କରାଯାଇ ଥିଲା । ସେ ଆସି ଏଠାରେ ଖ୍ୱାଜାଃ ସାହେବଙ୍କ ସହିତ ମିଳିତ ଭାବରେ ଦାୟିତ୍ୱଭାର ବହନ କରିଥିଲେ । ପ୍ରଥମ ଖଲିଫାଙ୍କ ଦେହାନ୍ତ ପରେ ଖ୍ୱାଜାଃ ସାହେବ ଦ୍ୱିତୀୟ ଖଲିଫାଙ୍କର ବୈଅତ୍ କରି ନଥିଲେ, ଏଥିରେ ଚୌଧରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବର.ଅ ତାଙ୍କ ଠାରୁ ପୃଥକ ହୋଇ ଅନ୍ୟତ୍ର ଚାଲି ଯାଇଥିଲେ ଅର୍ଥାତ ଓ୍ୱକଂଙ୍ଗ ମସଜିଦ୍‌ରୁ । ତେଣୁ ଏମିତି ଦେଖିବାକୁ ଗଲେ ମୁସଲମାନ ଗୋଷ୍ଠୀ ଅଥବା ଜମାଅତର ବିଧିବଦ୍ଧ ଭାବରେ (ସର୍ବପ୍ରଥମ) ମସଜିଦ୍ ଯାହାକି ନିର୍ମାଣ କରାଯାଇଥିଲା ତାହା ମସଜିଦ୍ ଫଜଲ୍ ହିଁ ଅଟେ । ନିଃସନ୍ଦେହ ରୂପେ ଆଜି ଇଂଲଣ୍ଡରେ, ଲଣ୍ଡନରେ ଓ ପାଶ୍ଚାତ୍ୟ ଦେଶଗୁଡ଼ିକରେ ମୁସଲମାନମାନଙ୍କର ଅନେକ ମସଜିଦ୍‌ମାନ ନିର୍ମିତ ହୋଇଗଲାଣି । **କିନ୍ତୁ ଲଣ୍ଡନରେ ମୁସଲମାନମାନଙ୍କର ପ୍ରଥମ ମସଜିଦ୍‌ର ଶ୍ରେୟ ମସଜିଦ୍ ଫଜଲ୍‌କୁ ହିଁ ହାସଲ ହୋଇଛି ।**

ଏହା ଜମାଅତ ଅହେମଦିୟାର ବୈଶିଷ୍ଟ ଯେ, ଏହାର ମସଜିଦ୍‌ଗୁଡ଼ିକ ଜମାଅତର ସଦସ୍ୟବୃନ୍ଦଙ୍କ ପ୍ରଦତ୍ତ ଚାନ୍ଦା ରାଶିରେ ନିର୍ମିତ ହୋଇଥାଏ । ଏବେ ତ ବିଲାତରେ ମଧ୍ୟ ଜମାଅତର ଡ଼ର୍ଜନେ ମସଜିଦ୍ ନିର୍ମିତ ହୋଇଗଲାଣି । ସେ ଯାହା ହେଉ ଆଜି ମସଜିଦ୍ ଫଜଲ୍ ସଂକ୍ରାନ୍ତରେ ମୁଁ କିଛି କହିବାକୁ ଚାହୁଁଛି ।

ହଜରତ ମସିହ ମଉଦଅ.ସ ପାଶ୍ଚାତ୍ୟ ଦେଶମାନଙ୍କରେ ଇସଲାମର ପରିବ୍ୟାପ୍ତ ହେବା ପରିପ୍ରେକ୍ଷୀରେ କିଛି ବର୍ଣ୍ଣନା କରିଛନ୍ତି, ତାହା ହିଁ ଆମ ପ୍ରଚାର କାର୍ଯ୍ୟ ମୂଳକ ଉତ୍କଣ୍ଠାର ଭିତ୍ତିଭୂମି (ଆଧାର) । ଗୋଟିଏ ସ୍ଥାନରେ ଆପଣଅ.ସ କୁହନ୍ତି; ପଶ୍ଚିମ ଦିଗରୁ ସୂର୍ଯ୍ୟର ଚଢ଼ିବା ଅର୍ଥ ପାଶ୍ଚାତ୍ୟ ଦେଶ ସମୂହ ଯାହାକି କାହିଁ କେତେ କାଳରୁ ଅନ୍ଧକାର ଓ ଅନେକସ୍ୱରବାଦର ଗର୍ତ୍ତରେ ପତିତ ରହିଛି, ସତ୍ୟର ପ୍ରକାଶରେ ଉଜ୍ୱଳିତ ହେବେ ।

ହୁଜୁରଅ.ସ ନିଜର ଏକ ସ୍ୱପ୍ନର ଯଥାର୍ଥ ବର୍ଣ୍ଣନା କରି କୁହନ୍ତି; ମୁଁ (ସ୍ୱପ୍ନରେ) ଦେଖିଲି ଲଣ୍ଡନ ସହରରେ ଏକ ମଞ୍ଚ ଉପରେ ଏହି ବିନୀତ ଛିଡ଼ା ହୋଇଛି ଏବଂ ଇସଲାମ୍‌ର ସତ୍ୟତା ପ୍ରସଙ୍ଗରେ ଇଂଗ୍ରାଜୀ ଭାଷାରେ ଅତ୍ୟନ୍ତ ପ୍ରମାଣ ଭିତ୍ତିକ ତଥ୍ୟ ଉପସ୍ଥାପନ କରୁଅଛି । ସେଥିଅନ୍ତେ ମୁଁ କିଛି ଧବଳ ରଙ୍ଗର ପକ୍ଷୀ ଧରିଲି ଯେ କି ଛୋଟ ଛୋଟ ଗଛ ଉପରେ ବସି ରହିଥିଲେ । ମୁଁ ଏହି ସ୍ୱପ୍ନର ତାତ୍ପର୍ଯ୍ୟ କଲି ଯେ, **ଯଦି ମୁଁ ନୁହେଁ ତଥାପି ମୋ ଆଲେଖ୍ୟ ଉକ୍ତ ଜାତିରେ ପରିବ୍ୟାପ୍ତ ହେବ ଏବଂ ଅନେକ ସଚ୍ଚୋଟ ଓ ଗମ୍ଭୀର ସ୍ୱଭାବୀ ଇଂଗ୍ରେଜ ସତ୍ୟତାର ଶିକାର ହୋଇଯିବେ ।**

ଚୌଧରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବର.ଅ ଔପଚାରିକ ରୂପେ ବିଲାତର ସର୍ବପ୍ରଥମ ମୁବଲ୍ଲିଗ୍ ଥିଲେ । ତାଙ୍କୁ ଏଠାରେ ଅଲ୍ଲାଃତାଲା ପ୍ରଥମ ଫଳ ପ୍ରଦାନ କରିଥିଲେ ଅର୍ଥାତ ପ୍ରଥମ ଇଂଗ୍ରେଜ ଯେ ତାଙ୍କ ମାଧ୍ୟମରେ ବୈଅତ କରି ଜମାଅତ ଅହେମଦିୟାରେ ଅନ୍ତର୍ଭୁକ୍ତ ହୋଇଥିଲେ ସେ ଶ୍ରୀମାନ କୋରିଓ୍ୱ ଥିଲେ । ବୃତ୍ତିଗତ ଭାବରେ ଯେ ଜଣେ ସାମ୍ବାଦିକ ଥିଲେ । ତାଙ୍କ ଅନ୍ତେ ଅନେକ ଗୋରା (ଇଂଗ୍ରେଜ) ଜମାଅତରେ ସାମିଲ ହେଲେ । ତତ୍ ପଶ୍ଚାତ ହଜରତ ମୁସଲେହ ମଉଦର.ଅ ସିୟାଲ୍ ସାହେବ ର.ଅଙ୍କୁ ଭାରତ ଡ଼କାଇ ଦେଇଥିଲେ । ତାଙ୍କ ସ୍ଥାନରେ କାଜୀ ଅବ୍ଦୁଲ୍ଲାଃ ସାହେବ ର.ଅଙ୍କୁ ମୁବଲ୍ଲିଗ୍ ରୂପେ ପ୍ରେରଣ କରାଯାଇ ଥିଲା । ସେ ମଧ୍ୟ ଜଣେ ସାହାବି ଥିଲେ ଏବଂ ସେ ପ୍ରଥମ ବିଶ୍ୱଯୁଦ୍ଧର ଉତ୍କଟ ପରିସ୍ଥିତିରେ ଏଠାରେ ନିଜ ଦାୟିତ୍ୱ ନିର୍ବାହ କରିଥିଲେ । ସେ ଏଠାରେ ଏକ ଘର ଭଡ଼ା ନେଇଥିଲେ । ପୁନଶ୍ଚ ୧୯୧୭ମସିହାରୁ ୧୯୨୦ମସିହା ପର୍ଯ୍ୟନ୍ତ ହଜରତ ମୁଫ୍‌ତି ମୁହମ୍ମଦ ସାଦିକ୍ ସାହେବର.ଅ ମଧ୍ୟ ଏଠାରେ ଜଣେ ମୁବଲ୍ଲିଗ୍ ଭାବରେ କାର୍ଯ୍ୟ ତୁଲାଇ ଥିଲେ । ୧୯୧୯ମସିହାରେ ଚୌଧରୀ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅଙ୍କୁ ପୁନର୍ବାର ଏବଂ ଅବ୍ଦୁର୍ ରହିମ୍ ସାହେବ ନୟର୍ ର.ଅଙ୍କୁ ମୁବଲ୍ଲିଗ୍ ରୂପେ ବିଲାତ ପ୍ରେରଣ କରାଯାଇ ଥିଲା । ସେ ନିଃସ୍ୱାର୍ଥପର ଭାବରେ ନିରନ୍ତର ଓ ଅକ୍ଳାନ୍ତ ପରିଶ୍ରମ କରିଥିଲେ । ୧୯୨୦ମସିହାରେ ଫତେହ୍ ମୁହମ୍ମଦ ସିୟାଲ୍ ସାହେବ ର.ଅଙ୍କୁ ହଜରତ ମୁସଲେହ ମଉଦର.ଅ ନିର୍ଦ୍ଦେଶ ଦେଲେ ଯେ, ବିଲାତରେ ଏକ

ଜମି ଖରିଦ କରି ସେଠାରେ ମସଜିଦ୍ ନିର୍ମାଣ କରନ୍ତୁ । ଅତଃ ଦୁଇ ହଜାର ଦୁଇଶହ ପାଉଣ୍ଡରୁ ଉର୍ଦ୍ଧ୍ୱ ରାଶିରେ ପଟନୀ ଅଞ୍ଚଳରେ ସେହି ଜମିଟି ଖରିଦ କରାଯାଇ ଥିଲା ।

ହଜରତ ମୁସଲେହ ମଉଦ ର.ଅଙ୍କୁ ଯେତେବେଳେ ଏହି ସୂଚନା ମିଳିଲା ଆପଣର.ଅ ସେତେବେଳେ ଡ଼େଲହାଉସୀ (ହିମାଚଳ ପ୍ରଦେଶ)ରେ ଥିଲେ, ଅତଃ ସେଠାରେ ଆପଣ ଏକ ବହୁତ ବଡ଼ ଫଙ୍କଶନ୍ କଲେ ଏବଂ ମସଜିଦ୍‌ର ନାମ ଫଜଲ୍ ମସଜିଦ୍ ରଖିଥିଲେ । ପୁନଶ୍ଚ ତାହାର ନିର୍ମାଣ ନିମନ୍ତେ ଦାନ କରିବାକୁ ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଜଣାଇ ଥିଲେ । ୧୯୨୪ମସିହାରେ ୱେମ୍ବଲେ'ର ଆର୍ନ୍ତଜାତିକ ଧର୍ମସମ୍ମିଳନୀ ପ୍ରଦର୍ଶନୀରେ ଅବ୍ଦୁର୍ ରହିମ୍ ନୟର୍ ସାହେବଙ୍କୁ ଇସଲାମୀୟ ଶିକ୍ଷା ଉପସ୍ଥାପନ କରିବାକୁ ଆମନ୍ତ୍ରିତ କରା ଯାଇଥିଲା । ତେବେ ସେ ଏହି ସୂଚନା ହୁଜୁର ର.ଅଙ୍କୁ ଦେଲେ । ହଜରତ ମୁସଲେହ ମଉଦର.ଅ ଏହି ନିମନ୍ତ୍ରଣକୁ ସ୍ୱୀକାର କରି ଇସଲାମର ସୌନ୍ଦର୍ଯ୍ୟତା ରେଖାଙ୍କିତ କରି ଏକ ପୁସ୍ତକ ରଚନା କଲେ ଯାହାକି "ଅହେମଦିୟତ୍ ୟାନୀ ହକିକୀ ଇସଲାମ୍" ନାମରେ ପ୍ରକାଶିତ ହେଲା ।

ସେହି ସମ୍ମିଳନୀ ପାଇଁ ଏହି ନିଷ୍ପତ୍ତି ହେଲା ଯେ, ହଜରତ ମୁସଲେହ ମଉଦର.ଅ ସ୍ୱୟଂ ସେଥିରେ ଯୋଗ ଦେବେ । ସୁତରାଂ ହୁଜୁରର.ଅ ଦମିଶକ୍ ଓ ମିଶର ଭ୍ରମଣ କରି ଇଟାଲୀ, ସୁଇଜର୍ ଲ୍ୟାଣ୍ଡ ଓ ଫ୍ରାନସ୍ (ଦେଶ ବାଟେ) ଯାତ୍ରା କରି ୨୨ଅଗଷ୍ଟ ୧୯୨୪ମସିହାରେ ବିଲାତରେ ପହଞ୍ଚିଲେ । ସେଠାରେ ସେଣ୍ଟପାଲ୍ ଚର୍ଚ୍ଚ ସମ୍ମୁଖରେ ଛିଡ଼ା ହୋଇ ଆପଣ ଅଲ୍ଲାଃତାଲାଙ୍କ ଛାମୁରେ ଇସଲାମର ବିଜୟ ନିମନ୍ତେ ଦୁଆ କଲେ । ସେଥିଅନ୍ତେ ଆପଣ ସହରରେ ପ୍ରବେଶ କଲେ, ଆପଣଙ୍କ (ବିଲାତ) ଆଗମନର ଉଦ୍ଦେଶ୍ୟ ଓ ଏଠାରେ ଅବସ୍ଥାନ କରିବାକୁ ସ୍ଥାନୀୟ ପ୍ରେସ୍ ବହୁତ କଭରେଜ୍ ଦେଇଥିଲା ।

ମସଜିଦ୍ ନିର୍ମାଣ ସଂକ୍ରାନ୍ତରେ ସର୍ବପ୍ରଥମ ଶୋପାନ (ଏକ ମୋଟା ଅଙ୍କର) ଅର୍ଥ ଆଦାୟ କରିବା ଥିଲା । ତାହା ଏପରି (ଗଚ୍ଛିତ) ହେଲା ଯେ, ଯୁଦ୍ଧ ଶେଷ ହେବା ପରେ ଏକ ଏପରି ସମୟ ଆସିଲା ଯେତେବେଳେ ଆର୍ନ୍ତଜାତିକ ସ୍ତରରେ ପାଉଣ୍ଡର ମୂଲ୍ୟ ହ୍ରାସ ଘଟିବା ଆରମ୍ଭ ହୋଇଗଲା । ଏହି ଅବସରରେ ୧୯୨୦ମସିହାରେ ହଜରତ ମୁସଲେହ ମଉଦ ର.ଅଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ୩୦ହଜାର ଓ ପରେ ଏକ ଲକ୍ଷ ଟଙ୍କା ଜମା କରିବାକୁ ଆହ୍ୱାନ ଦିଆଗଲା । ଏଥିରେ ଜମାଅତର ସଦସ୍ୟବୃନ୍ଦ ପୂର୍ଣ୍ଣ ସହଯୋଗ କଲେ ଏବଂ ଧାର୍ଯ୍ୟ ରାଶି ଏକତ୍ରିତ ହୋଇଗଲା । ସେଥିଅନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଯୋଗେ ଉକ୍ତ ରାଶି ବିଲାତ ପ୍ରେରଣ କରାଗଲା ଏବଂ ଉକ୍ତ ରାଶି ଯେତେବେଳେ ପାଉଣ୍ଡରେ ସ୍ଥାନୀୟ ଜମାଅତକୁ ମିଳିଲା ତାହା ତିନି ହଜାର ଚାରିଶହ ଅଠଷଠି ପାଉଣ୍ଡ ମିଳିଲା, ଯାହାକି (ଭାରତୀୟ ରାଶି ତୁଳନାରେ) ବହୁଗୁଣ ଅଧିକ ଥିଲା ।

୧୯୨୪ମସିହା ଅକ୍ଟୋବର ମାସ ୧୯ ତାରିଖ ରବିବାର ଦିନ ମସଜିଦ୍‌ର ଭିତ୍ତିଭୂମି ରଖାଗଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପାର୍ଲ୍ୟାମେଣ୍ଟର ସଦସ୍ୟ (ସାଂସଦ), ଲିଡ଼ର, ରାଜନୈତିକ ନେତୃବୃନ୍ଦ, ସାମ୍ବାଦିକଙ୍କ ସମେତ ଅନେକ ଲୋକମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରେରଣ କରାଯାଇ ଥିଲା । ଯେହେତୁ ଖୁବ୍ କମ୍ ସମୟ ମଧ୍ୟରେ ଏସମସ୍ତ ଆୟୋଜନ କରାଯାଇଥିଲା, ତେଣୁ ଆଶା ନଥିଲା ଯେ ଅଧିକ ଲୋକ ସାମିଲ ହେବେ । କିନ୍ତୁ ଆକଳନର ବିପରୀତ ଅତିଥିମାନଙ୍କର ଏକ ସଂଖ୍ୟା ଗରିଷ୍ଠଦଳ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହେଲେ । ବିଭିନ୍ନ ଦେଶର ପ୍ରତିନିଧି ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବେଶ ସଫଳ ହୋଇଥିଲା । ଭିତ୍ତି ସ୍ଥାପନ କାର୍ଯ୍ୟକ୍ରମରେ ହଜରତ ହାଫିଜ୍ ରୌଶନ୍ ଅଲ୍ଲୀ ସାହେବ ପବିତ୍ର କୁରଆନ ପାଠ କରିଥିଲେ । ସେଥିଅନ୍ତେ ହଜରତ ମୁସଲେହ ମଉଦର.ଅ ଭାଷଣ ଦେଇଥିଲେ ।

ହଜରତ ମୁସଲେହ ମଉଦର.ଅ କହିଲେ; ପବିତ୍ର କୁରଆନର ନିର୍ଦ୍ଦେଶାବଳୀ ଓ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ

[ସ.ଅ]ଙ୍କ କାର୍ଯ୍ୟପନ୍ଥାରୁ ସିଦ୍ଧ ହେଉଛି ଯେ, ଇସଲାମୀୟ ଉପାସନା ଗୃହ (ମସଜିଦ୍)ର ଦ୍ୱାର ପ୍ରତ୍ୟେକ ସେହି ବ୍ୟକ୍ତି ନିମନ୍ତେ ଉନ୍ମୁକ୍ତ ଯେ, ଈଶ୍ୱରଙ୍କ ଉପାସନା ଓ ଆରାଧନା କରିବାକୁ ଚାହୁଁଛି । **ଇସଲାମୀୟ ମସଜିଦ୍ ବିବିଧ ଧର୍ମାବଲମ୍ବୀଙ୍କୁ ଏକତ୍ରିତ କରିବାର କେନ୍ଦ୍ରସ୍ଥଳୀ ।** ଏହି ଭାବନା ସହିତ ଆମେ ଅର୍ଥାତ ଜମାଅତ ଅହେମଦିୟା ଏହି ମସଜିଦ୍ ନିର୍ମାଣ କରିବାରକୁ ମନସ୍ଥ କରିଛୁ । ଆପଣ[ର.ଅ] ଅଧିକନ୍ତୁ କହିଲେ; ମୁଁ ଏହି ମସଜିଦ୍‌ର ଭିତ୍ତି ପ୍ରସ୍ତର ରଖିବା ପୂର୍ବରୁ ଏହି ଘୋଷଣା କରିବାକୁ ଚାହୁଁଛି ଯେ, **ମସଜିଦ୍ କେବଳ ମାତ୍ର ପରମେଶ୍ୱରଙ୍କ ଉପାସନା ସକାଶେ ନିର୍ମାଣ କରାଯାଇଥାଏ ।**

ଏହି ମସଜିଦ୍‌ର ଭିତ୍ତିଭୂମି ରଖିବାର ଦୁଇବର୍ଷ ପରେ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା । ମସଜିଦ୍‌ର ଉଦ୍‌ଘାଟନ ଯୁବରାଜ ଫୈସଲ୍ କରିଥାନ୍ତେ ଏବଂ ତାଙ୍କ ପିତା ତାଙ୍କୁ ସମାରୋହରେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରି ଦେଇଥିଲେ, କିନ୍ତୁ ମୁସଲମାନମାନଙ୍କ (ବିରୋଧାତ୍ମକ) ପ୍ରତିକ୍ରିୟା ଦେଖି ରାଜା ତାଙ୍କୁ ଅଟକାଇ ଦେଲେ । ତେଣୁ ଶେଖ୍ ଅବ୍ଦୁଲ୍ କାଦିର୍ ସାହେବ ମସଜିଦ୍‌ର ଉଦ୍‌ଘାଟନ କରିଥିଲେ । ସେ ଅତି ସ୍ୱଷ୍ଟୋକ୍ତିରେ କହିଲେ; **ମୁଁ ଅହେମଦି ନୁହେଁ କିନ୍ତୁ ଯେହେତୁ ଆମେ ଇସଲାମର ସେବା କରିବାକୁ ଚାହୁଁଛୁ, ତେଣୁ ଆମକୁ ଆପୋଷ ମତଭେଦରୁ ଉର୍ଦ୍ଧ୍ୱକୁ ଉଠି ପରସ୍ପରର ସାହାଯ୍ୟ କରିବା ଉଚିତ୍ ।** ଏହା ଶେଖ୍ ଅବ୍ଦୁଲ୍ କାଦିର୍ ସାହେବଙ୍କର ଦାମ୍ଭିକତା ଓ ଖୋଲା ହୃଦୟ ଥିଲା, ଐଶ୍ୱର୍ଯ୍ୟମୟ ପ୍ରଭୁ ତାଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଏହା ମସଜିଦ୍ ଫଜଲ୍‌ର ସଂକ୍ଷିପ୍ତ ଇତିହାସ ଥିଲା, ଯାହାକି ମୁଁ ବର୍ଣ୍ଣନା କଲି ଏବଂ ଏହା ହିଁ ଉକ୍ତ ମସଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ ଥିଲା ଯେ, **ପାଶ୍ଚାତ୍ୟ ଦେଶମାନଙ୍କରେ ଇସଲାମ ଧର୍ମର ପ୍ରଚାର ପ୍ରସାର ହେଉ ।**

ଆଜି ଏହାର ଶତବାର୍ଷିକୀ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ରଖାଯାଇଛି କିନ୍ତୁ ଏହା କୌଣସି ସାଂସାରିକ କାର୍ଯ୍ୟକ୍ରମ ନୁହେଁ । ମସଜିଦ୍ ଏକ ଏପରି ସ୍ଥଳୀ ଯେଉଁଠାରେ ପରମେଶ୍ୱରଙ୍କ ଉପାସନା କରିବା ସକାଶେ ଲୋକମାନେ ଏକତ୍ରିତ ହୋଇଥାନ୍ତି । ପ୍ରଭୁଙ୍କ ଆରାଧନା କରନ୍ତୁ ଏବଂ ପରସ୍ପରର କର୍ତ୍ତବ୍ୟ ସମ୍ପାଦନ କରନ୍ତୁ । ନିଜ ଆଧ୍ୟାତ୍ମିକ ସଂସ୍କାର ନିମନ୍ତେ ନିଜ ଚାରିତ୍ରିକ ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ।

ଆଜି ଆମମାନଙ୍କୁ ଏହି ଚେଷ୍ଟା କରିବାକୁ ହେବ ଯେ, ଆମେମାନେ ପରମେଶ୍ୱରଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା । ତାଙ୍କ ଆଦେଶ ପାଳନ କରିବା, ତାଙ୍କ ସୃଷ୍ଟିର କର୍ତ୍ତବ୍ୟ ସମ୍ପାଦନକାରୀ ସାବ୍ୟସ୍ତ ହେବା । ଯଦି ଏପରି ହୁଏ ତେବେଯାଇ ଆମେମାନେ ଏହି ସଂସାରରକୁ ଶାନ୍ତି ଓ ସୁରକ୍ଷାର ପିଠସ୍ଥଳୀ ରୂପେ ଗଢ଼ିତୋଳି ପାରିବା । ଅଲ୍ଲାଃତାଲା ଆମମାନଙ୍କୁ ଏଥି ନିମନ୍ତେ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

18th October 2024

*Translated to Odia by :* Moulavi Anwar Ahmad Khan